# ଜନଜାତି ମୌଖିକ ସାହିତ୍ୟ: ଏକ ଦୃଷ୍ଟିପାତ

**ରଶ୍ମି ମୁର୍ମୁ**

ଗବେଷିକା, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: rashmimurmu45@gmail.com

## ସଂକ୍ଷିପ୍ତ ସାର:

ଲୋକସାହିତ୍ୟ ମୁଖ୍ୟତଃ ମୌଖିକ । କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ମୂଲ୍ୟବୋଧ, ଲୋକପରମ୍ପରା, କଳା, ଜୀବନ ଧାରଣ ପଦ୍ଧତି ଆଦିର ଆକଳନରେ ମୌଖିକ ସାହିତ୍ୟ ସହାୟତା କରିଥାଏ । ପରମ୍ପରାକ୍ରମେ ଯୁଗ ଯୁଗ ଧରି ମୁଖରୁ ମୁଖକୁ ଗଡ଼ି ଆସୁଥିବା ଏହାକୁ ମୌଖିକ ସାହିତ୍ୟ କୁହାଯାଏ । ଅଷ୍ଟାଦଶ ଶତକରେ ଇଉରୋପ ଜାତି ବିଶ୍ୱର ଅନ୍ୟାନ୍ୟ ସଭ୍ୟ ତଥା ଜନଜାତିଙ୍କ ସମ୍ପର୍କରେ ଆସିବା ଦ୍ୱାରା ସେମାନଙ୍କ ଜାତୀୟ ଚେ଼ତନା ଜାଗ୍ରତ ହୋଇଥିଲା । ଅନ୍ୟାନ୍ୟ ଭାଷାପରି ପ୍ରଥମରୁ ହିଁ ଜନଜାତି ଭାଷା କଥିତ ସ୍ତରରେ ଥିଲା । ଏବେବି ଅନେକ ଜନଜାତିର ଭାଷା ସେହି କଥିତ ସ୍ତରରେ ରହି ଆସିଛି ।

ଓଡ଼ିଶାରେ ଜନଜାତି ସାହିତ୍ୟ, ସଂସ୍କୃତି, ଜନଜୀବନ ଓ ଭାଷା ସମ୍ପର୍କରେ ବହୁ ବିଦ୍ୱାନ ଆଲୋଚନା କରିବା ସହିତ ସେମାନଙ୍କ ମୌଖିକ ସାହିତ୍ୟକୁ ସଂଗ୍ରହ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଏବଂ ସଫଳ ମଧ ହେଉଛନ୍ତି । ସେ କ୍ଷେତ୍ରରେ ଏହାଦ୍ୱାରା ଗୋଟିଏ ଅବହେଳିତ ଜାତିର ପ୍ରାଚୀନ ସଂସ୍କୃତି ଏବଂ ପରମ୍ପରା ଧୀରେ ଧୀରେ ଲୋକଲୋଚ଼ନକୁ ଆସିବାରେ ଲାଗିଛି । ଜନଜାତିର ମୌଖିକ ସାହିତ୍ୟ ହେଉଛି ଜାତୀୟ ସମ୍ପଦ । ଏହାର ଭବିଷ୍ୟତ, ମୌଖିକ ପରମ୍ପରା, ଉପାଦାନ ଓ ପ୍ରତୀକଗୁଡ଼ିକର ଉପଯୁକ୍ତ ସଂରକ୍ଷଣ, ଲିପିବଦ୍ଧତା, ବିଶ୍ଳେଷଣ ଉପରେ ନିର୍ଭରଶୀଳ । ବର୍ତ୍ତମାନ ସମୟ ଆସିଛି, ବୈଷୟିକ ଜ୍ଞାନକୌଶଳ ଯୁଗରେ, ସମସ୍ତ ଗବେଷକ, ଗବେଷିକା, ବୁଦ୍ଧିଜୀବି, ଶିକ୍ଷାବିତ୍ମାନେ ଜନଜାତିଙ୍କର ମୌଖିକ ପରମ୍ପରା ଓ ସାହିତ୍ୟ ଉପରେ ଅଧିକ ଗବେଷଣା କରି ଜନଜାତିଙ୍କ ମୌଖିକ ସାହିତ୍ୟକୁ ସମୃଦ୍ଧ କରିବା ସହିତ, ତାକୁ ବିଶ୍ୱଉନ୍ମୁଖୀ କରାଇବାକୁ ସମସ୍ତେ ଉଦ୍ୟମ କରିବା ।

**ମୁଖ୍ୟଶବ୍ଦ :** ନିର୍ଦ୍ଦିଷ୍ଟ, ବିଶ୍ଳେଷଣ, ଉଦ୍ୟମ, ସମ୍ପର୍କ ପ୍ରତୀକ, ସମୃଦ୍ଧ, ସମ୍ମୁଖ, ଜାଗ୍ରତ, ପଦ୍ଧତି ।

## ଉପକ୍ରମ:

ଆମ ରାଜ୍ୟର ଆଦିବାସୀ ସଂପ୍ରଦାୟ ଓ ସେମାନଙ୍କର ବସତି ଅଞ୍ଚଳ

| କ୍ର.ସଂ. | ଆଦିବାସୀଜାତିରନାମ | ବସବାସ ଅଞ୍ଚଳ | ୫. | କନ୍ଧ ଡ଼ୋରା | କୋରାପୁଟ, ଗଞ୍ଜାମ, ଗଜପତି |
|---|---|---|---|---|---|
| ୧. | ଓମନାତ୍ୟ | କୋରାପୁଟ, ଗଞ୍ଜାମ | ୬. | କଲି ମହ୍ଲାର | ଅନୁଗୋଳ, ଗଞ୍ଜାମ |
| ୨. | ଓରାଓଁ | ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା | ୭. | କୱାର | ସୁନ୍ଦରଗଡ଼, ସମ୍ବଲପୁର |
| ୩. | କନ୍ଧ | କୋରାପୁଟ, କନ୍ଧମାଳ | ୮. | କିସାନ | ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା |
| ୪. | କନ୍ଧ ଗଉଡ଼ | କନ୍ଧମାଳ, ପୁରୀ | ୯. | କୁଟିଆ | କୋରାପୁଟ, କନ୍ଧମାଳ, କଳାହାଣ୍ଡି |

| | | |
|---|---|---|
| ୧୦. | କୁଲିସ୍ | ସମ୍ବଲପୁର, ବଲାଙ୍ଗୀର |
| ୧୧. | କୋରା | ଅନୁଗୋଳ, କେନ୍ଦୁଝର |
| ୧୨. | କୋରୁଆ | ସମ୍ବଲପୁର, କୋରାପୁଟ |
| ୧୩. | କୋଲ | କେନ୍ଦୁଝର, ସୁନ୍ଦରଗଡ଼ |
| ୧୪. | କୋଲ ଲୋହାରା | ସୁନ୍ଦରଗଡ଼ |
| ୧୫. | କୋହ୍ଲ | ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ |
| ୧୬. | କୋୟା | ମାଲକାନଗିରି |
| ୧୭. | ଖଡ଼ିଆ | ସୁନ୍ଦରଗଡ଼, ଝାରସୁଗୁଡ଼ା |
| ୧୮. | ଖରୱାର | କେନ୍ଦୁଝର, ମୟୂରଭଞ୍ଜ |
| ୧୯. | ଗାଦବା | କୋରାପୁଟ |
| ୨୦. | ଗଣ୍ଡ | କଳାହାଣ୍ଡି, ସମ୍ବଲପୁର, ବରଗଡ଼ |
| ୨୧. | ଗଣ୍ଡିଆ | କୋରାପୁଟ, ଢ଼େଙ୍କାନାଳ, ଅନୁଗୋଳ |
| ୨୨. | ଘରା | କଳାହାଣ୍ଡି, ସମ୍ବଲପୁର |
| ୨୩. | ଚେଞ୍ଚୁ | କଳାହାଣ୍ଡି, ସୁନ୍ଦରଗଡ଼ |
| ୨୪. | ଜୁଆଙ୍ଗ | କଳାହାଣ୍ଡି, ଅନୁଗୋଳ |
| ୨୫. | ଜାତପୁ | ନବରଙ୍ଗପୁର, କୋରାପୁଟ, ଗଜପତି |
| ୨୬. | ଠାରୁଆ | ମୟୂରଭଞ୍ଜ, ଗଞ୍ଜାମ |
| ୨୭. | ଡ଼ାଲ | ବଲାଙ୍ଗୀର, କଳାହାଣ୍ଡି |
| ୨୮. | ଡିଡାୟୀ | ମାଲକାନଗିରି |
| ୨୯. | ଦେଶୁଆ ଭୂମିଜ | ପୁରୀ, ମୟୂରଭଞ୍ଜ |
| ୩୦. | ଧାରୁଆ | କୋରାପୁଟ, ମୟୂରଭଞ୍ଜ, ମାଲାକାନଗିରି |
| ୩୧. | ପରଜା | କୋରାପୁଟ, ମାଲକାନଗିରି |
| ୩୨. | ପାରେଙ୍ଗା | କୋରାପୁଟ |
| ୩୩. | ପୋଣ୍ଟିଆ | କଳାହାଣ୍ଡି, ସମ୍ବଲପୁର |
| ୩୪. | ବନ୍‌ଜାରା | କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା |
| ୩୫. | ବାଇଗା | କଳାହାଣ୍ଡି |
| ୩୬. | ବାଗ୍‌ତା | କଟକ, ବାଲେଶ୍ୱର |
| ୩୭. | ବାଥୁଡ଼ି | ମୟୂରଭଞ୍ଜ, କେନ୍ଦୁଝର |
| ୩୮. | ବଣ୍ଡା ପଉଜା | ମାଲାକାନଗିରି |
| ୩୯. | ବିନ୍‌ଝାଲ | ସମ୍ବଲପୁର, ବଲାଙ୍ଗୀର, ବରଗଡ଼ |
| ୪୦. | ବିନ୍‌ଝିଆ | ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼ |
| ୪୧. | ବିର୍‌ହୋର | ସୁନ୍ଦରଗଡ଼ |
| ୪୨. | ଭତଡ଼ା | ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି |
| ୪୩. | ଭୂମିଆ | ମାଲାକାନଗିରି, କୋରାପୁଟ, ସୁନ୍ଦରଗଡ଼ |
| ୪୪. | ଭୂଂଜିଆ | ନୂଆପଡ଼ା, କଳାହାଣ୍ଡି, କୋରାପୁଟ |
| ୪୫. | ଭୂମିଜ | ମୟୂରଭଞ୍ଜ, ବାଲେଶ୍ୱର |
| ୪୬. | ଭୂୟାଁ | ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ |
| ୪୭. | ମାଙ୍କିଡ଼ି | କଳାହାଣ୍ଡି, ସୁନ୍ଦରଗଡ଼ |
| ୪୮. | ମାଙ୍କିଡ଼ିଆ | ମୟୂରଭଞ୍ଜ, ସମ୍ବଲପୁର |
| ୪୯. | ମାଟିଆ | ଢ଼େଙ୍କାନାଳ, କୋରାପୁଟ, ନବରଂଗପୁର |
| ୫୦. | ମାଡ଼ିଆ | ମାଲକାନଗିରି, ଅନୁଗୋଳ |
| ୫୧. | ମାହାଲି | ମୟୂରଭଞ୍ଜ, ସୁନ୍ଦରଗଡ଼ |
| ୫୨. | ମିର୍ଦ୍ଧା | ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା |
| ୫୩. | ମୁଣ୍ଡା | ସୁନ୍ଦରଗଡ଼, ସମ୍ବଲପୁର |
| ୫୪. | ମୁଣ୍ଡାରି | ସୁନ୍ଦରଗଡ଼ି, ମୟୂରଭଞ୍ଜ |
| ୫୫. | ରାଜୁଆର | ମୟୂରଭଞ୍ଜ, କେନ୍ଦୁଝର |
| ୫୬. | ଲୋଧା | ମୟୂରଭଞ୍ଜ |
| ୫୭. | ସଉରା/ ଶବର | ଗଜପତି, ସମ୍ବଲପୁର, ବରଗଡ଼ |
| ୫୮. | ସାଉଁତି | କେନ୍ଦୁଝର, ମୟୂରଭଞ୍ଜ |
| ୫୯. | ସାନ୍ତାଳ | ମୟୂରଭଞ୍ଜ, ବାଲୋଶ୍ୱର, କେନ୍ଦୁଝର |
| ୬୦. | ଶବର ଲୋଧା | ମୟୂରଭଞ୍ଜ |
| ୬୧. | ହଲବା | ନବରଂଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡ଼ା |
| ୬୨. | ହୋ | ମୟୂରଭଞ୍ଜ, କେନ୍ଦୁଝର (୧) |

ଲୋକଶବ୍ଦ ବ୍ୟାପକ, କନ୍ଧ, କୋହ୍ଲ, ସାନ୍ତାଳ, ଭୂୟାଁଠାରୁ ଆରମ୍ଭ କରି ପଲ୍ଲୀ ଓ ନଗରର ଅଶିକ୍ଷିତ ଅର୍ଦ୍ଧଶିକ୍ଷିତ ଜନତା ଏହାର ଅନ୍ତର୍ଗତ । ଏମାନଙ୍କ ସଂସ୍କୃତିକୁ ଲୋକ ସଂସ୍କୃତି କୁହାଯାଏ । ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ଭାଷାରେ – "ଗାଉଁଲୀ ନାରୀକବି ମାନଙ୍କର ଅନ୍ତରରୁ ଅଶ୍ରୁବିନ୍ଦୁ ସଙ୍ଗେ ଯେଉଁ ଯେଉଁ ମୁକ୍ତାମାନ ଝରିପଡ଼େ ସେ ହେଉଛି କାନ୍ଦଣା ଗୀତ ଓ ଯାହା ମୌଖିକ ସାହିତ୍ୟର ପ୍ରଧାନ ଆୟୁଧ, ଦୁଃଖ ହେଉ ବା ସୁଖ ସମୟରେ ଆପେ ଆପେ ମୁଖରୁ ଝରିପଡୁଥିବା ପଂକ୍ତିଗୁଡ଼ିକ ଭିତରେ ଅନେକ ଗୁଢ଼ତତ୍ତ୍ୱ ଲୁଚି ରହିଥାଏ । ଯାହା ପରବର୍ତ୍ତୀ ଅବସ୍ଥାରେ ସାହିତ୍ୟକୁ ସମୃଦ୍ଧି କରିବାରେ ଖୋରକ ଯୋଗାଇଥାଏ ।

ଭାରତୀୟ ସଂସ୍କୃତି ଗଠିତ ହୋଉଛି ବୈଦିକ ସଂସ୍କୃତି ଓ ଲୋକ ସଂସ୍କୃତିର ସମିଶ୍ରଣରେ ବୈଦିକ ସଂସ୍କୃତି ଲୋକ ସଂସ୍କୃତିର ଉପର ସ୍ତର ଓ ଅଳ୍ପ ସଂଖ୍ୟକ ବିଦ୍ୱାନଙ୍କ ମଧ୍ୟରେ ସୀମିତ । ଲୋକ ସାହିତ୍ୟ ଲୋକ ସଂସ୍କୃତିର ଅଂଶବିଶେଷ ଲୋକ ସାହିତ୍ୟ ନା ମୌଖିକ ସାହିତ୍ୟର ଅଙ୍କୁରୋଦ୍‌ଗମ ତେଣୁ ଗ୍ରାମର ବା ପଲ୍ଲୀରୁ ହୋଇଛି । ନଗରରୁ ନୁହେଁ । ତେଣୁ ଲୋକ ସାହିତ୍ୟକୁ 'ପଲ୍ଲୀସାହିତ୍ୟ' ବା ଗ୍ରାମ୍ୟ ସାହିତ୍ୟ ବା ମୌଖିକ ସାହିତ୍ୟ ନାମରେ ନାମିତ କରାଯାଏ ।

ଲୋକ ଗୀତର ସଂଗ୍ରାହକ ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ର ଲୋକ ଗୀତ ବା ଗ୍ରାମ୍ୟ ଗୀତର ସଂଜ୍ଞା ପ୍ରଦାନ କରିଛନ୍ତି ।" ଯେଉଁ କବିତା ମାନ ଏବେ ମଧ୍ୟ ମୁଖେ ମୁଖେ ରହିଆସିଛି, କେବେହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭକରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତ କୋଣରେ ସୃଷ୍ଟିଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନସମାଜର କୋଣେକୋଣେ ପ୍ରଚାରିତ ହୋଇ ସାର୍ବଜନୀତ ହୋଇପାରିଛି ସେମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ ।"(୨)

ତେଣୁ ସାହିତ୍ୟକୁ (୧) ଶିଷ୍ଟ ସାହିତ୍ୟ ବା ବିଦଗ୍ଧ ସାହିତ୍ୟ (୨) ଲୋକ ସାହିତ୍ୟ ବା ଲଘୁ ସାହିତ୍ୟ ଭାବରେ ବୁଝାଯାଇଛି । ଯୁଗ ଯେତେ ପରିବର୍ତ୍ତନ ହେଲେ ମୌଖିକ ସାହିତ୍ୟ ଭିତରେ ପ୍ରାଚୀନ ଧାରା ସଂରକ୍ଷିତ ।ଏହା ପ୍ରାଚୀନ ଯୁଗର ସନ୍ଦେଶ ଆମ ପାଖରେ ପହଞ୍ଚାଏ । ପ୍ରଥମେ ଏହା ମୁଖେମୁଖେ ଗତି କରିଥିଲା । ଲିପି ଉଦ୍ଭାବିତ ହୋଇ ଲିଖିତ ଭାଷାର ସୃଷ୍ଟି ହେବା ପରେ ଏହା ଲିପିବଦ୍ଧ ହେଲା ଏହି ଦୃଷ୍ଟିର ମୌଖିକ ସାହିତ୍ୟ ଶିଷ୍ଟ ସାହିତ୍ୟ ବାବିଦଗ୍ଧ ସାହିତ୍ୟର ଜନକ ।

"ମୌଖିକ ସାହିତ୍ୟ କଣ୍ଠରୁ କଣ୍ଠକୁ ଆସୁଥିବାରୁ ପ୍ରତି ଯୁଗରେଏହା କଥିତ ଭାଷାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ନିଜର ମୌଳିକ ରୂପ ହରାଇଛି । ଗୋଟିଏ ଯୁଗର ନରନାରୀ ସେମାନଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ଏଥିରେ ଶିକ୍ଷିତ ଓ ଦିକ୍ଷିତ ହୋଇଥାନ୍ତି । କେଉଁ ଆଦିମ କାଳରୁଏହି ଧାରା ଅବିଚ୍ଛିନ୍ନ ଭାବରେ ପ୍ରବାହିତ । 'ବେଦ' ଭଳି ପୁରୁଷାନୁ କ୍ରମେ ଶୃତିରୁଶୃତିକୁ ଏହା ଗତି କରୁଥିବାର ଏହାହିଁ ଯଥାର୍ଥରେ ଲୋକବେଦ ।"(୩)

## ଉଦ୍ଦେଶ୍ୟ

ଅତୀତର ପୁନଉଦ୍ଧାର ନିମନ୍ତେ ମୌଖିକ ସୁତ୍ରରୁ ମୂଲ୍ୟବାନ ଉପାଦାନ ସଂଗ୍ରହ ପୂର୍ବକ ଜନଜାତିଙ୍କର ଇତିହାସ ପୁନଃ ଆକଳନ କରିବା ।

(୧) ମୌଖିକ ସାହିତ୍ୟ ଏକ ଗୋଷ୍ଠୀର ସାମୁହିକ ଚିନ୍ତାଧାରାରୁ ସୃଷ୍ଟି ହୋଇଥାଏ । ମୌଖିକ ସାହିତ୍ୟ ଅନ୍ତର୍ଗତ । କାହାଣୀ, ମିଥ୍, ପ୍ରବାଦ, ପ୍ରବନନ, ଢଗଢମାଳି, ଶିଶୁଗୀତ, ଓଷାଗୀତ, ଯାହା ସବୁ ଅଛି ତାକୁ ସଂଗ୍ରହ କରିବା ।

(୨) ମୌଖିକ ସାହିତ୍ୟର ମୁଲ୍ୟବୋଧକୁ ବିଶ୍ୱ ଦୃଷ୍ଟିକୁ ଆଣିବା ।

(୩) ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକରି ମୌଖିକ ସାହିତ୍ୟଗୁଡ଼ିକୁ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରିବା ।

## ପୂର୍ବପାଠର ଆଲୋଚନା:

୧୯୫୮, ଓଡ଼ିଆ ଗ୍ରାମ୍ୟଗୀତି, ଶ୍ରୀ ଚକ୍ରଧର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ।

ମୌଖିକ ସାହିତ୍ୟ ବା ଲୋକ ସାହିତ୍ୟ ଯୁଗାନୁକ୍ରମେ ଯେତେ ପରିବର୍ତ୍ତିତ ହେଲେ ମଧ୍ୟ ଏଥିରେ ପ୍ରାଚୀନଧାରା ସଂରକ୍ଷିତ । ଏହା ଆମ ପାଖରେ ପ୍ରାଚୀନ ଯୁଗର, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଦିଗକୁ ପହଞ୍ଚାଏ ।

୧୯୫୮, ଓଡ଼ିଆ ଲୋକଗୀତ ଓ କାହାଣୀ, ଡ଼କ୍ଟର କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ, ଶାନ୍ତିନିକେତନ ।

ମୌଖିକ ସାହିତ୍ୟ ଗ୍ରାମ୍ୟ ଜନତାର ସୁଖ ଦୁଃଖ, ଆଚାର, ବ୍ୟବହାର, ରୀତି, ନୀତି, ଆବେଗ-ଅନୁଭୂତିର ଏକ ସୁରମ୍ୟ ଓ ସମୃଦ୍ଧ ଗନ୍ତାଘର ।

୨୦୦୧, ଓଡ଼ିଆ ସାହିତ୍ୟର ଇତିହାସ, ଡ଼କ୍ଟର ସୁରେନ୍ଦ୍ର ମହାରଣା, ଓଡ଼ିଶା ବୁକ୍‌ଷ୍ଟୋର, କଟକ ।

ଓଡ଼ିଆ ସାହିତ୍ୟର ଉନ୍ମେଷ କାଳଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଐତିହାସିକ ବିକାଶଧାରା ଏହି ଆଲୋଚ଼ନା ପୁସ୍ତକରେ ପତ୍ରସ୍ଥ ।

୨୦୦୭, ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ସଂକଳନ ଓ ସମ୍ପାପନା, ଚିତ୍ରସେନ ପସାୟତ, ସାହିତ୍ୟ ଅକାଦେମି ।

ଆଦିବାସୀ ସମାଜରେ ମୌଖିକ ସାହିତ୍ୟର ପରମ୍ପରା ଆଦିବାସୀ ସଂସ୍କୃତିର ଅଂଶବିଶେଷ ଏବଂ ତା'ର ନିଜସ୍ୱ ମୌଳିକତା ରହିଛି । ବଗିବା ପାଇଁ ଆଦିବାସୀର କର୍ମ ପ୍ରଚେଷ୍ଟା ପ୍ରକୃତି ସହିତ ସଂପର୍କ, ପାରିପାର୍ଶ୍ୱିକ ଅବସ୍ଥିତିର ଅନୁଭୂତିରୁ ଜନ୍ମ ନେଇଛି ତା'ର ମୌଖିକ ସାହିତ୍ୟର ପରମ୍ପରା ଗୋଷ୍ଠୀଗତ ସାମାଜିକ ଜୀବନ ବଞ୍ଚିବା ପାଇଁ ସଂଘର୍ଷକୁ କେନ୍ଦ୍ରକରି ଆଦିବାସୀ ସଂସ୍କୃତିର ଅଭ୍ୟୁଦୟ ଘଟିଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆଦିବାସୀର ଜନ୍ମ, ଜୀବନ, ମୃତ୍ୟୁ, ସାମୁହିକତାର ଉପଲବ୍ଧିରେ ଉଚ୍ଛ୍ୱସିତ । ସେହି ସମାଜରେ ମୌଖିକ ସାହିତ୍ୟ ପରମ୍ପରା ଜୀବନ୍ତ ।

୨୦୧୨, ଲୋକ ସଂସ୍କୃତି: ସିଦ୍ଧାନ୍ତ ଓ ପ୍ରୟୋଗ, ମହେନ୍ଦ୍ର ମିଶ୍ର, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ପୁସ୍ତକ ଭବନ, ଭୁବନେଶ୍ୱର ।

ଓଡ଼ିଶାର ଲୋକ ସଂସ୍କୃତିର ସଂପଦର ତୁଳନା ନାହିଁ । ଏ ଭୂମିର ମୌଖିକ ପରମ୍ପରା, ସ୍ଥାପତ୍ୟ କଳା, ତନ୍ତଶିଳ୍ପ, କାଷ୍ଠଶିଳ୍ପ, ମୃଣୟଶିଳ୍ପ ଓ କାନ୍ଥଚିତ୍ର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟଦା ଦେଇଛି । ହେଲେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମାନଙ୍କରେ କେବଳ ମୌଖିକ ପରମ୍ପରାକୁ ହିଁ ଅନ୍ୟ କଳାମାନଙ୍କ ଠାରୁ ସ୍ୱତନ୍ତ୍ର କରି ପଠନ କରାଯାଉଛି । କଳାର ସାମଗ୍ରିକ ସ୍ୱରୂପ ଏଥିରେ ପରିପ୍ରକାଶ ପାଉନାହିଁ ।

## ସମସ୍ୟା

ସଭ୍ୟତାର ପରିବର୍ତ୍ତନ ସହିତ ଏହି ପରମ୍ପରା ମଧ୍ୟ ବିବର୍ତ୍ତିତ ହୋଇଛି । ନିରବଚ୍ଛିନ୍ନ ଏବଂ ପରିବର୍ତ୍ତନ ପ୍ରତ୍ୟେକ ମାନବ ସମାଜର ଲକ୍ଷଣ ଏବଂ ଏହା ଆଦିବାସୀ ସମାଜରେ ପରିଲକ୍ଷିତ ହୋଇଥାଏ । ଏଠି କିନ୍ତୁ ଶୋଷଣର ଅନ୍ତ ନାହିଁ । ନିଜକୁ ସେଠ୍, ସାହୁକାର, ବ୍ୟାପାରୀ, ଠିକାଦାର, ମହାଜନ ଆଦି ଲୋକଙ୍କ ସମ୍ପର୍କରେ ଆସି ଆଦିବାସୀମାନେ ଶୋଷଣ ହେଉଛନ୍ତି । ସେମାନଙ୍କ ଅଶିକ୍ଷା, ତଥା ଅଜ୍ଞନତାର ସୁଯୋଗ ନେଇ ସେମାନଙ୍କୁ ଲୁଟ୍ କରାଯାଇଛି । ଆଜି ବି ଆଦିବାସୀଙ୍କ ଗାଁକୁ ହଟେଇ ମୁଣ୍ଡଟେକୁଛି କଳକାରଖାନା । ନୂଆ ପରିବେଶରେ ନୂଆ ଅନୁଭୁତି ପାଇଥିବା ଆଦିବାସୀ ମଣିଷର ଆତ୍ମା କିନ୍ତୁ ସେହି ପ୍ରାଚୀନ ବଣ, ପାହାଡ଼ର, ସାମୁହିକ ଗୀତି ମୟତାର । ତୁଣ୍ଡରେ ଯେଉଁ ଗୀତ ସେଥିରେ ଥିବା ଜଙ୍ଗଲ, ଶାଳଗଛ, ଝରଣା, ଦୋବା ଚଢ଼େଇ, ଲୁଦମ କିଜମ୍ବିରା ଫୁଲ କିମ୍ବା ମହୁଲ ଗଛର କଥା । ଏହାଦ୍ୱାରା ଆଦିବାସୀ ଜୀବନରେ ଅନେକ ବ୍ୟାଘାତ ସୃଷ୍ଟି କରୁଛି ।

## ଆଲୋଚନା

ଜନଜାତି ସଂସ୍କୃତିର ଇଛିହାସରେ ମୌଖିକ ସାହିତ୍ୟର ପରମ୍ପରା ଏକ ସ୍ୱତନ୍ତ୍ର ସ୍ଥାନ ରହି ଆସିଛି । ଏହି ଧାରା ଅତୀ ପ୍ରାଚୀନ ସଂପର୍କ ରକ୍ଷା ପାଇଁ ଭାବର ଆଦାନ ପ୍ରଦାନ ଅତି ଆବଶ୍ୟକ । ତେଣୁ ମଣିଷ ଜାତିର ଉତ୍ପତି ହେବା ଦିନ ଠାରୁ ଏହି ଧାରା ସହଚର ଭାବେ ରହି ଆସିଛି । ଜନଜାତି ଜୀବନର ଅନେକ ଜଟ୍ଟିଳ ସମସ୍ୟାର ସମାଧାନ ନିମିତ୍ତ ଜନଜାତିର ଗଭୀର ବିଶ୍ୱାସ ସହିତ ତାର ମୌଖିକ ସାହିତ୍ୟ ପରମ୍ପରା ଜଡ଼ିତ । "ଜନଜାତିର ମୌଖିକ ସାହିତ୍ୟର ଜୀବନ ଉତ୍ସୁକତା । ଜୀବନ ପ୍ରତିଗଭୀର ଅନୁରାଗ ସ୍ପଷ୍ଟ ରୂପେ ବାରି ହୋଇପଡ଼େ । ଜନଜାତିର ଜନ୍ମ, ଜୀବନ ଓ ମୃତ୍ୟୁ ସାମୁହିକତାର ଉପଲବ୍ଧିରେ ଉଚ୍ଛସ୍ୱିତ ।"[୪]

ଆଦିବାସୀ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନପନ୍ଥାଗୁଡ଼ିକୁ ନେଇ ତାର ମୌଖିକ ସାହିତ୍ୟ ପରମ୍ପରା ପରିପୁଷ୍ଟ ଜନଜାତିର ଅନୁଭୂତି ହିଁ ତାର ମୌଖିକ ସାହିତ୍ୟର ଉର୍ବରତା ବୃଦ୍ଧି କରିଛି ।

"ସାଧାରଣତଃ କୁହାଯାଏ ଆଦିବାସୀ ମୌଖିକ ସାହିତ୍ୟ ରୀତିବଦ୍ଧ, ପରିମାର୍ଜିତ ତଥା ସୁଠାମ ନୁହେଁ । ସ୍ୱତଃସ୍ଫୁର୍ତ୍ତ ଭାବେ ଏହାର ସୃଷ୍ଟି ହେଲେ ବି ଏକଥା ସତ୍ୟ ଯେ, ଏଥିରେ ଆଦିବାସୀର କଳ୍ପନା, ବିଶ୍ୱାସ, ସ୍ୱାତନ୍ତ୍ର ନିହିତ । ଜନଜାତି, ମୌଖିକ ସାହିତ୍ୟକୁ କେହି ଶିଖାଏ ନାହିଁ, ଜୀବନର ଏକ ଅଙ୍ଗ ଭାବେ ତାର ସାହିତ୍ୟକୁ ଗ୍ରହଣକରେ । ଗୀତ ହେଉ ବା ଗାଥା ହେଉ, କାହାଣୀ ହେଉ ଅବା ମିଥ ହେଉ, ଅଲିଖିତ ଲୋକକଥା ଓ ଲୋକ ସାହିତ୍ୟକୁ ଆଦିବାସୀ ସତ୍ୟମଣେ । ମଣେ ତାର ଇତିହାସ ।"[୫]

"ଆଦିବାସୀ ମୌଖିକ ସାହିତ୍ୟର ଅନ୍ୟତମ ବୈଶିଷ୍ଟ୍ୟ ହେଲା ଯେ ତାର ପାରମ୍ପରିକତା ସହିତ ସ୍ଥିତିସ୍ଥାପକତା ଅଦ୍ଭୂତ ସମ୍ମିଶ୍ରଣ । ଇଛିହାସ କାଳରୁ ସମୟାନୁକ୍ରମେ ଏଥିରେ ସ୍ଥିତିସ୍ଥାପକତା ମଧ୍ୟ ଦେଖାଯାଏ । ଚାରିପଟେ ସମାଜ ଓ ସାମୁହିକ ତଥା ବ୍ୟକ୍ତିଗତ ଜୀବନ ଓ ଚଳଣି ବଦଳୁଛି । ମୌଖିକ ସାହିତ୍ୟର କେତେବେଳେ ନୂଆ ଧାଡ଼ିଟିଏ କିଏ ନା କିଏ ଯୋଡ଼ି ଦେଉଛି, ଭୌଗୋଳିକ ପରିବେଶ, ସ୍ଥାନୀୟ ଜୀବନଯାପନ ପ୍ରଣାଳୀ, ପ୍ରଥା, ପରମ୍ପରା ବଦଳୁଛି । କଥିତ ଭାଷାରେ

ଆଚାର ବ୍ୟବହାର ଦୃଷ୍ଟିରୁ ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରାରେ ମଧ୍ୟ ଆଞ୍ଚଳିକ ପରିଲକ୍ଷିତ ହେଉଛି । ଆଞ୍ଚଳିକ ରୁଚିବୋଧ ଦୃଷ୍ଟିଭଙ୍ଗୀ ମଧ୍ୟ ଏଥିରେ ପ୍ରତିଫଳିତ ହେବା ସ୍ୱଭାବିକ । କିନ୍ତୁ ଏହା ସତ୍ୟ ଯେ, ପରମ୍ପରା ପ୍ରତି ଗଭୀର ଆସକ୍ତି ଓ ସମ୍ମାନ ଆଦିବାସୀର ଉଭୟ ଶକ୍ତି ଓ ଦୁର୍ବଳତା ।"[୬]

"ଆଦିବାସୀ ମୌଖିକ ପରମ୍ପରାକୁ ମୋଟାମୋଟିଭାବେ ଚାରିଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା ମୌଖିକ ସାହିତ୍ୟ, ଲୋକପ୍ରଥା, ଲୋକକଳା ଓ ବସ୍ତୁବାଦୀ ସଂସ୍କୃତି । ଆଦିବାସୀ ମୌଖିକ ସାହିତ୍ୟର ଲୋକ କାହାଣୀ, ମିଥ୍, କିମ୍ବଦନ୍ତି, ପଶୁପକ୍ଷୀ କାହାଣୀ, ଧର୍ମ ସମ୍ବନ୍ଧୀୟ କାହାଣୀ, ପଦ୍ୟ ଧର୍ମୀ ଆଦିବାସୀ କାବ୍ୟ, ପୂଜନକ୍ରିୟା ସମ୍ପର୍କୀୟ ଗୀତ, ଜନ୍ମବିବାହ, ମୃତ୍ୟୁ ସମୟର ଗୀତ । ପ୍ରେମିକ ପ୍ରେମିକାଙ୍କ ଗୀତ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇପାରେ । ଆଦିବାସୀ ଲୋକପ୍ରଥା ମଧ୍ୟ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଦିବାସୀ ଲୋକପ୍ରଥା । ଧର୍ମାଚାର ଓ ମୌଖିକ ରୂପେ ଜୀବିତ । ଆଦିବାସୀ ସମାଜରେ ପୁଅ କିମ୍ବା ଝିଅର ଜନ୍ମ ପୂର୍ବରୁ ଗର୍ଭାବସ୍ଥା ସମୟରେ ଏବଂ ଜନ୍ମ ପରେ, ପୁଅ ଝିଅଙ୍କ ଯୌବନ ପ୍ରାପ୍ତି ପରେ, ବିବାହ ସମୟରେ ଓ ମୃତ୍ୟୁ ସହିତ ବିଭିନ୍ନ ପ୍ରଥା, ତନ୍ତ୍ରମନ୍ତ୍ର, ପ୍ରେତାଦିର ଅବସ୍ଥାନ ଓ ସେମାନଙ୍କ ଜୀବନ ସହିତ ସମ୍ବନ୍ଧ, ଯାଦୁ ସମ୍ମୋହନ, ବଶୀକରଣ, ଡ଼ାହାଣୀ, ଚିରୁଗୁଣୀ ଆଦିର ବିଶ୍ୱାସ । ଏ ସମ୍ପର୍କିତ ପ୍ରଥା ଆଦ୍ୟବଧି ଆଦିବାସୀ ସମାଜରେ ମୌଖିକ ରୂପେ ଜୀବିତ ।"[୭]

ଜନଜାତିର ମୌଖିକ ସାହିତ୍ୟ, ଜଙ୍ଗଲ, ଝରଣା, ଆକାଶ ମାଟି, ଜୀବଜନ୍ତୁ ବନଲତାକୁ ନେଇ ସୃଷ୍ଟି । ସେମାନଙ୍କର ଜୀବନ, ଜୀବିକା, ପ୍ରେମ, ପ୍ରଣୟ, ଆନନ୍ଦ, ମଧୁର, ରସରେ ପରିପୂର୍ଣ୍ଣ ।

ମୌଖିକ ସାହିତ୍ୟ ଓ ମୌଖିକ ଇତିହାସ ପରସ୍ପର ପରିପୂରକ । ସମାଜ ତଥା ଗୋଷ୍ଠୀ ଜୀବନରେ ସାମୂହିକ ସ୍ମୃତିରେ, ଅତୀତ, ପରମ୍ପରା ଓ ସାହିତ୍ୟ ଏକ ସୂତ୍ରରେ ବନ୍ଧା ହୋଇଥାଏ । ସେମାନଙ୍କର ପ୍ରବାହ ଗତି ଏକ ସଙ୍ଗେ ଘଟିଥାଏ । ବର୍ତ୍ତମାନ ସମୟ ଆସିଛି ଅତୀତର ପୁନଉଦ୍ଧାର ନିମନ୍ତେ ମୌଖିକ ସୂତ୍ରରୁ ମୂଲ୍ୟବାନ ଉପାଦାନ ସଂଗ୍ରହ ପୂର୍ବକ ଜନଜାତିଙ୍କ ଅତୀତର ଇତିବୃତ୍ତକୁ ଆକଳନ କରିବା ।

ମୋଟ ଉପରେ ଗୋଟିଏ ଜାତିର ଇତିହାସକୁ ଓ ତା'ର ସାହିତ୍ୟକୁ ବୁଝିବା ପୂର୍ବରୁ ମୌଖିକ ପରମ୍ପରାର ପ୍ରତୀକ ଗୁଡ଼ିକ ବୁଝିବା ନିତ୍ୟାନ୍ତ ଆବଶ୍ୟକ ।

ପହରିଆମାନେ ଶିକାର ପ୍ରିୟ, ଅଳ୍ପ ଭାଷୀ, ରକ୍ଷଣଶୀଳ ଏକ ଜନଜାତି । ଏ ପର୍ଯ୍ୟନ୍ତ ସେମାନେ ଓଡ଼ିଶାରେ ଜନଜାତିର ମାନ୍ୟତା ପାଇ ନାହାନ୍ତି । ଅପର ପକ୍ଷରେ ସୁନାବେଡ଼ା ସନ୍ନିକଟ ଛତିଶଗଡ଼ ରାଜ୍ୟର ଗ୍ରାମଗୁଡ଼ିକରେ ଏହି ଜନଜାତି କମାର ନାମରେ ପରିଚିତ ।

୧. ପଠାଡ଼ ପଠାଡ଼ ଗଲୁଁ ଏଁଟଲୁ କୁତୁ, ମାଇକିରା ପାତର ସେରା ସେଥିଁ ଏଁଟଲୁ କୁତୁ,
ପିଲାମାମାଚ୍‌ସ୍ ବେଟିସ୍ ସେଥିଁ ପଡ଼ୱା ଲୁତୁ, ମାଇକିରା ପାତରସେରା ପଡ଼ୱା ଲୁତୁ,
ପଠାଡ଼ ପଠାଡ଼ ଗଲୁଁ ଏଁଟଲୁ ହିଡ଼ୋ, ପିଲା ମାମାଚ୍ ବେଟିସ୍ କୋ ଡ଼ାରାମିଁ କିଡ଼ୋ
ମାଇକିରା ପାତର ସେରା ଡ଼ରାମି କିଡ଼ୋ ।

ଅର୍ଥାତ୍: ଚଗରା ଚଗରା ବୁଲି କୁଗଲୁ ଗୋଟାଇଲି । ମାଁ ରାଣ କହୁଛି ସେହିଦିନୁ ସାନ ମାମୁଁର ଝିଅକୁ ମନ କରିଛି । ଚଗରା ଚଗରା ବୁଲି ହରିଡ଼ା ଗୋଟାଇଲି । ସାନ ମାମୁଁର ଝିଅ ପୋକ ଦେଖିଲେ ଡ଼ରିଯାଏ । ତାକୁ ପୋକ ଦେଖାଇ ଡ଼ରାଇବି । ମାଁ ରାଣ କହୁଛି ତାକୁ ବାହା ହେବି ନିଶ୍ଚୟ ।

୨. ୟୋହୋ କାଏଁ ମାଣ୍ଡିଆକେ ଖାଇଲୋ ଦେ ସାହି, ଦ

ପିଲା ମାମାଁ ଚୋ ବେଟିସ ଚୋ ଲାଗୁନ ପଟ ତେଇନ୍ଦେ ପାହି,

ଓ୍ୟାଟେଇ ଚୋ ଆମକେ ଚଘିଓ ଦେ,

ଡାମାଁ ଚୋ ବେଟିସ୍ ଦେଖା ବାନ୍ଧୋନ୍ ଆରତେ କାନ୍ତଲିଆ ଖୋସେ ।

ଅର୍ଥାତ୍ : କ୍ଷେତର ମାଣ୍ଡିଆକୁ ଗାଇ ଖାଇ ଯାଉଛି । ସାନ ମାମୁଁର ଝିଅ ପାଇଁ ମୁଁ ଚିରକାଳ ଅପେକ୍ଷା କରିବି । ଆମ୍ବଗଛ ଉପରକୁ ମୂଷା ବଢ଼ୁଛି । ସାନ ମାମୁଁର ଝିଅ କାନ ତଳକୁ ଖୋସା ବାନ୍ଧିଛି ।

ଭୁଂଜିଆ ଲୋକଗୀତ:

କରିଲ ବାଁଶେକି ଗାଓ, ତେନୁ ଫୋଡ଼ିଲ କାଏଁ ଶିକୁନଗା

ଲଟକନିଆ ଛିନା, ମାମା ଆଜାସ ବେଟିସ୍ କାଏଁ,

ବୁଆର ପାଠେନ୍ କୋ, ଘିଚେନ୍ ହୋ ଘିଚେନ୍ ହୋ,

ସାପରାହୀର ଚିନା, ଏସୁଚ୍ ମହୁଲ ବାଲି ପରୁଛକାଏଁ,

ଟଲାଗା ଟଲଗା, ଏବେ ଛାଜା ଓ୍ୱାନେ, ଦୁଇଦିନ ଚଲାହୋ ଚଲାହୋ,

ସାପରାହୀର ଚିନା, ମାମା ଆଜା ବେଟିସ୍ କାଏଁ, ବିହା ହୋ ବିହା ହୋ ।

ଅର୍ଥାତ୍: କରଡ଼ିରୁ ବାଉଁଶ ଗଛ ହୁଏ । ବାଉଁଶ ଗଛରୁ ତିଆରି ହୁଏ ଖଡ଼ିକା । ମାମୁଁର ଝିଅ ଅବା ପିଉସି ଝିଅକୁ ବାହା ହେବା ପାଇଁ ଘିଚି ଆଣିବୁ । ଏଥର ମହୁଲ ଗଛରେ ଫୁଲ ଆସିଲେ ଆର ଥରକୁ ଟୋଲ ଫଳିବ । କାହିଁକି ଅଥୟ ହେଉଛ, ଦୁଇ ଦିନିଆ ଜୀବନ । ମାମୁଁର ଝିଅକୁ ନିଶ୍ଚୟ ବାହା ହେବି । (୭)

ଏହି ଲୋକଗୀତଗୁଡ଼ିକ କେବଳ ସୁନାବେଡ଼ା ଉପତ୍ୟକାରେ ନୁହେଁ, କୋମନା ବ୍ଲକ୍‌ର ଇବ୍ ନଦୀ କୂଳରେ ଥିବା ବିଭିନ୍ନ ଗ୍ରାମରେ ବସବାସ କରୁଥିବା ପହରିଆ, ଭୁଞ୍ଜିଆ ଜନଜାତିର ଲୋକ ଜୀବନରେ ଦେଖିବାକୁ ମିଳେ । ନିକଟରେ ଇବ୍ ନଦୀରେ ଗଢ଼ି ଉଠୁଥିବା ତିଖାଲି ଜଳପ୍ରକଳ୍ପ ଯୋଗୁଁ ଅନ୍ୟୂନ ୨୯ଟି ଗ୍ରାମ ଜଳମଗ୍ନ ହେବ । ଏହି ଗ୍ରାମଗୁଡ଼ିକରେ ଗଣ୍ଡ, ପହରିଆ, ଭୁଞ୍ଜିଆ, ଦଳ, ଶବର, ବିଂଝାଳ ଆଦି ବିଭିନ୍ନ ଜନଜାତିର ଲୋକ ବସବାସ କରନ୍ତି । ପ୍ରତ୍ୟେକ ଜାତିର ନିର୍ଦ୍ଦିଷ୍ଟ ସଂସ୍କୃତି ତଥା ସମୃଦ୍ଧ ଲୋକଗୀତ ରହିଛି । ଜଳ ପ୍ରକଳ୍ପ ଯୋଗୁଁ ଏହି ଅଞ୍ଚଳର ଅଧିବାସୀ ବିସ୍ଥାପିତ ହେବେ । ଆଜିଠାରୁ ସେମାନେ ଅନ୍ୟତ୍ର ବସସ୍ଥାନ ଖୋଜି ଚାଲିଯାଉଛନ୍ତି । ଏହାଦ୍ୱାରା ଗୋଷ୍ଠୀଗୁଡ଼ିକ ଭାଙ୍ଗିଯିବ । ଜାତିଗତ, ସାଂସ୍କୃତିକ ଧାରାଗୁଡ଼ିକ ବାଧାପ୍ରାପ୍ତ ତଥା ପରିବର୍ତ୍ତିତ ହେବ । ବୁଡ଼ି ଅଞ୍ଚଳର ଲୋକ ସଂସ୍କୃତି ଓ ଲୋକ ପରମ୍ପରାର ଭବିଷ୍ୟତ କ'ଣ ହେବ କହିବା ଦୁରୂହ ବ୍ୟାପାର ।

ଆଦିବାସୀ ଗୋଷ୍ଠୀର ସାମାଜିକ ଜୀବନ, ଧର୍ମ, ଚଳଣି, ପର୍ବପର୍ବାଣୀ, ପ୍ରଥା, ପରମ୍ପରା, ପେଷା, ବୃତ୍ତି, ଜୀବନ ପ୍ରଣାଳୀ ଆଦିକୁ ନେଇ ମୌଖିକ ସାହିତ୍ୟ ଗଢ଼ି ଉଠେ । ମଦ ଓ ବଳିପ୍ରଥା ମାଧ୍ୟମରେ ଧରଣୀ ଦେବୀ ଓ ପିତୃପୁରୁଷ (ଡୁମା)ଙ୍କୁ ପୂଜା କରିବା ଆଦିବାସୀଙ୍କ ସମାଜରେ ଧର୍ମାଚରଣର ଅନ୍ତର୍ଗତ । ଗୁଣିଆ, ଦିହାରୀଙ୍କର ପ୍ରାଧାନ୍ୟ ମଧ୍ୟ ଆଦିବାସୀ ସମାଜରେ ଦୃଷ୍ଟିଗୋଚର ହୋଇଥାଏ । ଭୁଂଜିଆମାନେ ଘର କାନ୍ଥରେ ବିଭିନ୍ନ ପଶୁପକ୍ଷୀଙ୍କର ଚିତ୍ର ଅଙ୍କନ କରିଥାଆନ୍ତି । ନିଜ ଗୃହକୁ ଅଶୁଭ ଦୃଷ୍ଟିରୁ ରକ୍ଷା କରିବା ଏହାର ଉଦ୍ଦେଶ୍ୟ । ମୌଖିକ ସାହିତ୍ୟରେ ଗୋଷ୍ଠୀ ଜୀବନ ତତ୍ତ୍ୱ ପ୍ରତିଫଳିତ ହୋଇଥାଏ ।

## ନିଷ୍କର୍ଷ

ମୌଖିକ ସାହିତ୍ୟର ଭାଷା ପ୍ରସଙ୍ଗ, ଆଦିବାସୀ ଭାଷାର ମୌଳିକ ରୂପକୁ ଦୃଷ୍ଟିରେ ରଖି ଅନ୍ୟ ଭାଷାରେ ଅନୁବାଦ କରିବା ସମୟରେ ଭାବଗତ ଅକ୍ଷୁର୍ଣ୍ଣତା ରହିବା ସମ୍ପୂର୍ଣ୍ଣ ସମ୍ଭବ କି ? ସର୍ବୋପରି ଆଦିବାସୀ ସଂସ୍କୃତି ଓ ଭାଷା ସମ୍ବନ୍ଧରେ ଦକ୍ଷ ତଥା ଅଭିଜ୍ଞ ବ୍ୟକ୍ତି ହିଁ ମୌଖିକ ସାହିତ୍ୟର ଅନୁବାଦ କାର୍ଯ୍ୟ କରିବା ଅଧିକ ସମୀଚୀନ ହେବ । ଆଜି ମଧ୍ୟ ଆମେ ଉପନିବେଶବାଦ ପ୍ରଭାବରୁ ମୁକ୍ତ ନୁହେଁ । ପ୍ରାକ୍ ସ୍ୱାଧିନତା କାଳରେ ଇଂରେଜମାନେ ଭାରତବର୍ଷର ବିଭିନ୍ନ ଜାତି ସମ୍ବନ୍ଧୀୟ ପରମ୍ପରା, ସାହିତ୍ୟକୁ ଦେଶୀ ଓ ବିଦେଶୀ ଭାଷାରେ ଲିପିବଦ୍ଧ କରିଥିଲେ । ସେମାନଙ୍କ ନିମନ୍ତେ ସେହି ସମୟରେ ଭାରତୀୟ ସଂସ୍କୃତି ଓ ପରମ୍ପରା ସଂପୂର୍ଣ୍ଣ ରୂପେ ନୂତନ ଥିଲା ।

## ଉପସଂହାର

ଆଦିବାସୀ ମୌଖିକ ସାହିତ୍ୟ ହେଉଛି ଜାତୀୟ ସଂପଦ । ଏହାର ଭବିଷ୍ୟତ, ମୌଖିକ ପରମ୍ପରା, ଉପାଦାନ ଓ ପ୍ରତୀକଗୁଡ଼ିକର ଉପଯୁକ୍ତ ସଂରକ୍ଷଣ, ଲିପିବଦ୍ଧତା ଓ ବିଶ୍ଳେଷଣ ଉପରେ ନିର୍ଭରଶୀଳ । ବର୍ତ୍ତମାନ ସମୟ ଆସିଛି ଦେଶର ବୁଦ୍ଧିଜୀବୀମାନେ ଆଦିବାସୀମାନଙ୍କର ସମୃଦ୍ଧ, ମୌଖିକ ପରମ୍ପର ଓ ସାହିତ୍ୟକୁ ନେଇ ଜାତିର ଇତିହାସ ତଥା ସଂସ୍କୃତିର ନବ ମୂଲ୍ୟାୟନ କରିବା ଦିଗରେ ଯତ୍ନଶୀଳ ହେବେ ।

### ସହାୟକଗ୍ରନ୍ଥସୂଚୀ


୧) କୋଣାର୍କ, ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶେଷାଙ୍କ, ଓଡିଶା ସାହିତ୍ୟ ଏକାଡେମୀ ୨୦୦୧, ପୃ.୧୫୪-୧୫୫ ।

୨) ମହାପାତ୍ର ଚକ୍ରଧର, ଓଡ଼ିଆ ଗ୍ରାମ୍ୟଗୀତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୫୮, ପୃଷ୍ଠା ୩ ।

୩) ମହାରଣା ଡ଼ଃ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ୨୦୦୧- ପୃଷ୍ଠା-୪୦ ।

୪) ମହାପାତ୍ର ଖଗେଶ୍ୱର, 'ଆଦିବାସୀ ସଙ୍ଗୀତ', କୋଣାର୍କ, ୮୧ତମ ସଂଖ୍ୟା, ପୃଷ୍ଠା-୪ ।

୫) ରାୟ ପ୍ରତିଭା, ଆଦିବାସୀ ବଣ୍ଡା ଉପଜାତିର ସାଂସ୍କୃତିକ ଜୀବନ, କୋଣାର୍କ ୮୧ତମ ସଂଖ୍ୟା, ୧୯୯୦, ପୃଷ୍ଠା-୭୨ ।

୬) ମହାପାତ୍ର ସୀପକାନ୍ତ, 'ଆଦିବାସୀ ସଙ୍ଗୀତ' କୋଣାର୍କ ୮୧ତମ ସଂଖ୍ୟା, ୧୯୯୦, ପୃଷ୍ଠା-୫ ।

୭) ପସାୟତ ଚିତ୍ରସେନ, ନୃତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ପ୍ରବନ୍ଧାବଳୀ, ଓଡ଼ିଆ ଗବେଷଣା ପରିଷଦ, କଟକ, ୧୯୯୯, ପୃଷ୍ଠା:୨୧-୨୨ ।